# କଟକରେ ଖୋଲିଲା ଟ୍ରେନ୍ ଟିକେଟ୍ କାଉଣ୍ଟର



କଟକ,୨୨।୫/ଏନ୍‌ଏନ୍‌ଏସ୍ : ଆସନ୍ତା ଜୁନ ଏକତାରିଖରୁ ସ୍ପେଶାଲ ଟ୍ରେନ ଚଳାଚଳ କରିବ। ଏ ନେଇ ଯାତ୍ରୀମାନେ ଟିକେଟ ସଂଗ୍ରହ କରିବା ନିମନ୍ତେ ଆଜିଠାରୁ ରାଜ୍ୟର ପ୍ରମୁଖ ରେଲଷ୍ଟେସନରେ କାଉଣ୍ଟର୍ ଖୋଲାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ରେଲଷ୍ଟେସନ୍ ପକ୍ଷରୁ ୨ଟି ସ୍ଥାନରେ ଥିବା କାଉଣ୍ଟରକୁ ସକ୍ରୀୟ କରାଯାଇଛି। ଆଜି କାଉଣ୍ଟର ଖୋଲିବାର ପ୍ରଥମ ଦିନରେ ଏତେ ଭିଡ଼ ହୋଇନଥିବା ଦେଖିବାକୁ ମିଳିଥିଲା। ମୋଟ ୬୦ଜଣ ଯାତ୍ରୀ ରେଳ ଟିକେଟ୍ କ୍ରୟ କରିଥିବାବେଳେ ୨୫ହଜାର ୭୭୫ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ସେହିଭଳି କଚେରୀ ନିକଟସ୍ଥ ରେଲୱେ କାଉଣ୍ଟରରେ ୩୭ଜଣ ଯାତ୍ରୀଙ୍କର ଟିକେଟ ହୋଇଥିଲା। ଏବଂ ଏ ବାବଦରେ କାଉଣ୍ଟରରେ ୧୦ହଜାର ୮ଶହ ଟଙ୍କାର କ୍ୟାସଲେସ ଟ୍ରାଞ୍ଜାକ୍‌ସନ ହୋଇଥିବାର ରେଳବାଇ ସୂତ୍ରରୁ ଖବର ମିଳିଛି।

ନିତିଦିନ NITIDIN Sat, May 23, 2020
http://odishanewsnitidin.com